ଶ୍ରୀ ରବି ଶଙ୍କର ପ୍ରସାଦଙ୍କ ପ୍ରେସ ଇସ୍ତାହାର ।

ତା. ୧୯/୦୧/୨୦୧୩

ଦେଶର ଭୟଙ୍କର ଭ୍ରଷ୍ଟାଚାର, ଭ୍ରଷ୍ଟାଚାରୀଙ୍କୁ ଯେଭଳି ଭାବରେ ରକ୍ଷା କରିବା ନୀତି, ପଙ୍ଗୁ ପ୍ରାୟ ନୀତି ନିୟମ ତଥା ସୁଶାସନ କରିବାର କାର୍ଯ୍ୟ ପନ୍ଥାର ଅଭାବ ହିଁ ଉପା ସରକାରଙ୍କ ଅସଫଳତାର ଗୋଟିଏ ଗୋଟିଏ ନମୁନା ମାତ୍ର ।

ଜୟପୁରର ଚିନ୍ତନ ଶିବିରରେ କଂଗ୍ରେସ ଦେଶର ସମସ୍ୟା ସମ୍ପର୍କରେ ଯେତିକି ଚିନ୍ତା କରୁଥିଲା ବରଂ ତାହାଠାରୁ ଅଧିକ ଆତ୍ମ ଚିନ୍ତା ହିଁ କରୁଥିଲା । କଂଗ୍ରେସ ଅଧ୍ୟକ୍ଷ ଶ୍ରୀମତୀ ସୋନିଆ ଗାନ୍ଧୀ ଦେଶର ଯୁବକ ତଥା ମଧ୍ୟବିତ୍ତ ଶ୍ରେଣୀର ଜନତାଙ୍କ ପ୍ରତି ନିଜର ସମବେଦନା ବ୍ୟକ୍ତ କରିଥିଲେ । ହେଲେ ଦେଶର ସାଧାରଣ ଜନତା ନିଜେ ହିଁ ଦରଦାମ ବୃଦ୍ଧି, ଭ୍ରଷ୍ଟାଚାର ଓ ଉପା ସରକାରଙ୍କର କୁଶାସନ ପାଇଁ ତ୍ରସ୍ତ ନସ୍ତ ହେଉଛନ୍ତି । ତେବେ ଦୀର୍ଘ ୯ ବର୍ଷ ପରେ କଂଗ୍ରେସ ସରକାରଙ୍କୁ ଦେଶର ଯୁବକଙ୍କ ଚିନ୍ତା କରିବାକୁ ସମୟ କିପରି ହେଲା ? କାରଣ ଆଜି ଦେଶର ୨୫ ବର୍ଷଠାରୁ ନିମ୍ନରେ ଥିବା ଯୁବକଙ୍କ ମଧ୍ୟରୁ ୫୧% ବେକାରୀ ଓ ୩୫ ବର୍ଷଠାରୁ ନିମ୍ନରେ ଥିବା ଯୁବକଙ୍କ ମଧ୍ୟରୁ ୬୫% ବେକାରୀ ହୋଇ ରହିଛନ୍ତି ।

ଦେଶରେ ଯେବେ ମଧ୍ୟ ଭୟଙ୍କର ଭ୍ରଷ୍ଟାଚାର ଦେଖାଯାଉଛି, ସରକାର ସେତେବେଳେ ପ୍ରଶାସନିକ କ୍ଷେତ୍ରରେ ମୌନତା ପ୍ରଦର୍ଶନ କରିଚାଲିଛନ୍ତି । ଏପରିକି ଆଜି ଦେଶର ଯୁବ ସମାଜର ଭବିଷ୍ୟତକୁ ବନ୍ଧକ ରଖିବାର ସ୍ଥିତି ମଧ୍ୟ ଉପନୀତ । ଶ୍ରୀମତୀ ଗାନ୍ଧୀ ଯୁବକ ମାନଙ୍କର ସ୍ଥିତିକୁ ସୁଧାରିବା ପାଇଁ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା କହିଛନ୍ତି ତାହା ବିଗତ ୯ ବର୍ଷ ମଧ୍ୟର କାର୍ଯ୍ୟାନୁଷ୍ଠାନରୁ ଆମ ସମସ୍ତଙ୍କୁ ଭଲ ଭାବରେ ଜଣା ।

ଉକ୍ତ ଚିନ୍ତନ ଶିବିରରେ ଦେଶର ସମସ୍ୟା ସମ୍ପର୍କରେ ଯେତିକି ଚିନ୍ତା କରାଯାଉଥିଲା ତାହାଠାରୁ ଅଧିକ ଯୁବ ନେତା ଶ୍ରୀ ରାହୁଲ ଗାନ୍ଧୀଙ୍କ ଭବିଷ୍ୟତ କଥା ଚିନ୍ତା କରାଯାଇଥିଲା । ତେବେ ଦେଶର ଯୁବକର ସଂଜ୍ଞା କଅଣ ରାହୁଲ ଗାନ୍ଧୀ ?

ଭା.ଜ.ପା ଶ୍ରୀମତୀ ଗାନ୍ଧୀଙ୍କୁ କେତୋଟି ପ୍ରଶ୍ନ କରିବାକୁ ଚାହେଁ ।

୧-ବିଗତ ୯ ବର୍ଷ ମଧ୍ୟରେ କେତେ ସଂଖ୍ୟକ ଯୁବକଙ୍କୁ ନିଯୁକ୍ତି ମିଳିଅଛି ? ଆପଣଙ୍କ ସରକାର କ୍ଷମତାରେ ଆସିବାର ୧୦୦ ଦିନ ମଧ୍ୟରେ ଦରଦାମକୁ ନିୟନ୍ତ୍ରଣ କରିବାର ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା କଅଣ ହେଲା ?

୨-ଆପଣଙ୍କ ସରକାର ୯ ବର୍ଷର କାର୍ଯ୍ୟକାଳ ପୂରଣ କରି ସାରିଛି । ଆଗାମୀ ନିର୍ବାଚନ ପାଇଁ ଯେଉଁ ମାତ୍ର ଗୋଟିଏ ବର୍ଷ ବାକି ଅଛି ସେ ଗୋଟିଏ ବର୍ଷ ମଧ୍ୟରେ ଉପା ସରକାର ଏ ଦେଶର ଯୁବକମାନଙ୍କର ଆଶା ତଥା ଆକାଂକ୍ଷାକୁ କିପରି ପୂରଣ କରିପାରିବ ?

୩- ଦେଶର ଜି.ଡ଼ି.ପି କୁ ୯% କୁ ପହଁଚାଇବା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ତାହା ଆଜି ୫.୩% ରେ ସ୍ଥିର ପ୍ରାୟ ହୋଇ ରହିଅଛି । ଶିଳ୍ପାଞ୍ଚଳ ର ଉତ୍ପାଦନ ହ୍ରାସ ପାଇବାକୁ ଲାଗୁଛି, ନିର୍ମାଣଧୀନ କ୍ଷେତ୍ରରେ ନିରାଶ ଜନକ ପରିସ୍ଥିତି ସୃଷ୍ଟି ହୋଇଅଛି, ଆମଦାନୀ ବୃଦ୍ଧି ପାଇବା

ସହ ଦେଶର ରପ୍ତାନୀ ହ୍ରାସ ପାଉଅଛି, ଘରୋଇ ପୁଞ୍ଜି ନିବେଶ ମଧ୍ୟ ହ୍ରାସ ପାଇ ଚାଲିଛି । ଏପରି ସ୍ଥଇତିରେ ଜି.ଡ଼ି.ପି ବୃଦ୍ଧିର ସମ୍ଭାବନା ମଧ୍ୟ ଦେଖିବା କଷ୍ଟକର ମନେହୁଏ । ହେଲେ ଆମର ଭା.ଜ.ପା ଶାସିତ ଗୁଜୁରାଟ, ମଧ୍ୟ ପ୍ରଦେଶ, ଛତିଶଗଡ଼, ଓ ଏନ.ଡ଼ି.ଏ ଶାସିତ ରାଜ୍ୟ ବିହାର ଆଦି ରାଜ୍ୟର ଜି.ଡ଼ି.ପି ବିକାଶ ହାର ୧୦% ରୁ ଅଧିକ ଅଟେ । ଦେଶର କୃଷି ବିକାଶ ହାର ୩.୬% ହୋଇଥିବା ବେଳେ ଭା.ଜ.ପା ଶାସିତ ରାଜ୍ୟର କୃଷି ବିକାଶ ହାର ମଧ୍ୟ ୧୦%ରୁ ଅଧିକ ଓ ମଧ୍ୟ ପ୍ରଦେଶର ୧୮.୬% ଅଟେ ।

୪-ଗତ ୯ ବର୍ଷ ମଧ୍ୟରେ ଉପା ସରକାରଙ୍କର ସୁଶାସନର ଅଭାବ ରହିଛି ବୋଲି ଶ୍ରୀମତୀ ଗାନ୍ଧୀ ସ୍ୱୀକାର କରୁଛନ୍ତି କି ?

ଯେଉଁଭଳି ଭାବରେ ଭା.ଜ.ପା ତଥା ଏ.ଡ଼ି.ଏ ଶାସିତ ରାଜ୍ୟର ବିକାଶ ହେଉଅଛି ଓ ଦେଶର ଜନତା ଶ୍ରୀ ବାଜପେୟୀଙ୍କ ନେତୃତ୍ୱରେ ଯେଉଁଭଳି ସୁଶାସନ ଦେଖିଅଛି, ତାହାକୁ ଅଧାର କରି ଭା.ଜ.ପା ଶ୍ରୀମତୀ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ଡ଼ଃ ମନମୋହନ ସିଂହଙ୍କୁ ୨୦୧୪ର ନିର୍ବାଚନରେ କଂଗ୍ରେସ ସ୍ଥିତି ନେଇ ଏକ ଗମ୍ଭୀର ପ୍ରଶ୍ନ କରେ ।